prepp
Your Personal Exams Guide

Language Code : **14**

इस पुस्तिका में **16** मुद्रित पृष्ठ हैं।
This booklet contains **16** Printed pages.

# FSC-26-I

**प्रश्न-पत्र-I / PAPER-I**
**ओड़िया भाषा परिशिष्ट**
**Odia Language Supplement**
**भाग-IV & V / PART-IV & V**

मुख्य परीक्षा पुस्तिका संख्या / Main Test Booklet No.

मुख्य परीक्षा पुस्तिका कोड / Main Test Booklet Code

**E**

**इस परीक्षा पुस्तिका को तब तक न खोलें जब तक कहा न जाए।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 15 व 16) पर दिए निर्देशों को ध्यान से पढ़ें।**
**Read carefully the Instructions on the Back Cover (Page 15 & 16) of this Test Booklet.**

ओड़िया में निर्देशों के लिए इस पुस्तिका का पृष्ठ 2 देखें। / FOR INSTRUCTIONS IN ODIA SEE PAGE 2 OF THIS BOOKLET.

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **ओड़िया** भाषा में देना चाहते हैं, लेकिन **दोनों नहीं**।
2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं। भाषा परिशिष्टों को आप अलग से माँग सकते हैं।
4. इस पृष्ठ पर विवरण अंकित करने एवं OMR उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें।
5. इस भाषा पुस्तिका का **संकेत** है **E**। यह सुनिश्चित कर लें कि इस भाषा परिशिष्ट पुस्तिका का संकेत, OMR उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है। अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा-I (ओड़िया) (प्र. 91 से प्र. 120)
   भाग-V : भाषा-II (ओड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं। इस परीक्षा पुस्तिका में केवल ओड़िया भाषा से संबंधित प्रश्न दिए गए हैं। **यदि भाषा-I और/या भाषा-II में आपके द्वारा चुनी गई भाषा(एँ) ओड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए। जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा-I (भाग-IV) में चुनी गई भाषा से भिन्न हो।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें।
10. सभी उत्तर केवल OMR उत्तर पत्र पर ही अंकित करें। अपने उत्तर ध्यानपूर्वक अंकित करें। उत्तर बदलने हेतु श्वेत रंजक का प्रयोग निषिद्ध है।

## INSTRUCTIONS FOR CANDIDATES

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page/ marking responses in the OMR Answer Sheet.
5. The CODE for this Language Booklet is **E**. Make sure that the CODE printed on **Side-2** of the OMR Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language-I (Odia) (Q. 91 to Q. 120)
   Part-V : Language-II (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part-V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ____________________
Name of the Candidate (in Capitals) :
अनुक्रमांक : (अंकों में) / Roll Number : in figures ____________________
: शब्दों में / in words ____________________
परीक्षा केन्द्र (बड़े अक्षरों में) : ____________________
Centre of Examination (in Capitals) :
परीक्षार्थी के हस्ताक्षर : ____________________ निरीक्षक के हस्ताक्षर : ____________________
Candidate's Signature : Invigilator's Signature :
Facsimile Signature Stamp of
Centre Superintendent : ____________________

Prepp
Your Personal Exams Guide

Language Code : **14**

# FSC-26-I

ପରୀକ୍ଷା ପୁସ୍ତିକା କୋଡ୍
**E**

ଏହି ପୁସ୍ତିକାରେ 16 ପୃଷ୍ଠା ଅଛି

**ପ୍ରଶ୍ନପତ୍ର - I**
**ଓଡ଼ିଆ ଭାଷା ପରିଶିଷ୍ଟ**
**ଭାଗ IV & V**

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।**
**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 15 & 16) ଦିଆଯାଇଥିବା ନିର୍ଦ୍ଦେଶାବଳୀ ଭଲ ଭାବରେ ପଢ଼ନ୍ତୁ ।**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :**

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟିଯାକ ଭାଗ ପାଇଁ ନୁହେଁ ।**
2. ପରୀକ୍ଷାର୍ଥୀ I, II, III ଭାଗର ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ବାଛିଥିବା ଭାଷାରେ ଦେବେ ।
3. ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ଇଂରାଜୀ ଓ ହିନ୍ଦୀ ଭାଷାରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **E** । ମୁଖ୍ୟ ପ୍ରଶ୍ନପତ୍ର ଉପରେ ଓ ଉତ୍ତରଖାତାର **ପୃଷ୍ଠା-2** ରେ ସମାନ କୋଡ ରହିବା ଆବଶ୍ୟକ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ - ଭାଗ IV ଓ ଭାଗ V, ଏହା ସମୁଦାୟ **60** ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।

| | | | | |
|---|---|---|---|---|
| ଭାଗ - IV | : | ଭାଷା - I | (ଓଡ଼ିଆ) | (ପ୍ରଶ୍ନ 91 ରୁ 120) |
| ଭାଗ - V | : | ଭାଷା - II | (ଓଡ଼ିଆ) | (ପ୍ରଶ୍ନ 121 ରୁ 150) |

7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ, ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫ୍‌କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତରଖାତାରେ, ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ : ____________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ : ____________________

: ଶବ୍ଦରେ ଲେଖନ୍ତୁ : ____________________

ପରୀକ୍ଷା କେନ୍ଦ୍ର : ____________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ____________________ ନିରୀକ୍ଷକଙ୍କର ହସ୍ତାକ୍ଷର ____________________

Facsimile signature stamp of
Centre Superintendent : ____________________

Prepp
Your Personal Exams Guide

ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV (Q.No. 91-120)**, if they have opted **ODIA** as **Language-I** only.

Prepp
Your Personal Exams Guide

## PART-IV

## LANGUAGE-I

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନଲିଖିତ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 91-99 ର ଉତ୍ତର ଦିଅ ।**

ଜର୍ମାନୀ ଜାତି ପୂଜା ପାଉଥିଲା ସବୁଆଡ଼େ । ଜର୍ମାନୀ ବ୍ୟବସ୍ଥା କରୁଥିଲେ । ଜର୍ମାନୀ ଚିଜରେ ଲୋକଙ୍କର ବିଶ୍ୱାସ ଥିଲା । ତାଙ୍କ ଜିନିଷର କାଟତି ହେଉଥିଲା । ଧନ, ଜନ, ଯଶରେ ଜର୍ମାନୀ ଉଚ୍ଛୁଳି ପଡୁଥିଲା, ବିସମାର୍କଙ୍କୁ ଏ ଗୁଡ଼ାକ ଆଉ ଭଲ ଲାଗିଲା ନାହିଁ । ତାଙ୍କର ଇଚ୍ଛା ହେଲା, ସେ ପୃଥିବୀ ବ୍ୟାପୀ ଗୋଟାଏ ଜର୍ମାନୀ ସାମ୍ରାଜ୍ୟ ବସାଇବେ । ସେ ଭାବିଥିଲେ, ଜର୍ମାନୀ ଜାତିର ମତିଗତି ଯାହା ହେଉ ପଛକେ ତାକୁ ଭାଙ୍ଗି, ତା ସ୍ଥାନରେ ବିଲାତି ଚାଲ ଚଳାଇବାକୁ ପଡ଼ିବ । ଏ ଜର୍ମାନୀ ଜାତିଟାକୁ ସଙ୍ଗିନ୍ ଶେଯରେ ବସାଇ ଜର୍ମାନୀ ଯୁଦ୍ଧ ରାକ୍ଷସଙ୍କ କାନ୍ଧରେ ସ୍ୱର୍ଗକୁ ପହଞ୍ଚେଇ ଦେବାକୁ ପଡ଼ିବ । ତାର ଫଳ ହେଲା-ଗଲା ଜର୍ମାନ ଯୁଦ୍ଧ । ଜର୍ମାନୀର ଯାହାଥିଲା ସବୁଗଲା; ତଥାପି ରହିଯାଇଥିଲା ଜର୍ମାନୀର ବ୍ୟବସାୟ ସାଧୁତା । ତାରି ବଳରେ ଜର୍ମାନୀ ପୁଣି ଉଠିପାରିଥାନ୍ତା; ଜର୍ମାନୀ ଜାତିର ମନବଳ ଓ ବୁଦ୍ଧିବଳ ପୁଣି ତାର ସାମ୍ରାଜ୍ୟ ଫେରାଇ ଆଣିଥାନ୍ତା, କିନ୍ତୁ ହିଟଲରଙ୍କର ତର ସହିଲା ନାହିଁ । ସେ ବର୍ଷକୁ ବର୍ଷ ଦେଖେଇ ଲାଗିଲେ ଯେ ଜର୍ମାନୀର କଥାରେ ବିଶ୍ୱାସ ନାହିଁ । ସେ ଭାବିଲେ ବିଲାତି ପେଞ୍ଚ ଖେଳି ସେ ପୁଣି ଜର୍ମାନୀକୁ ତାଙ୍କରି କାନ୍ଧରେ ଉଠାଇ ନେବେ । ଜର୍ମାନୀର ମନ ବୁଦ୍ଧି ବିବେକ ବିବେଚନା ସବୁ ହିଟଲରଙ୍କର ପାଦତଳେ ବଳି ଦିଆଗଲା । ତାଙ୍କ ମୁହଁ ଭୁରିଡ଼ି ଇଂରେଜମାନଙ୍କ ମୁହଁ ଭୁରୁଡ଼ିକୁ ବଳିଗଲା । ସାହିତ୍ୟ, ବିଜ୍ଞାନ, ଦର୍ଶନ ଓ ସଙ୍ଗୀତର ଜନ୍ମଭୂମି ବୋଲି ଜର୍ମାନୀ ଯେ ପରିମାଣରେ ସ୍ନେହ ଓ ସହାନୁଭୂତି ପୃଥିବୀରୁ ପାଉଥିଲା, ବର୍ତ୍ତମାନ ସେତିକି ପରିମାଣରେ ଭୟ ଓ ଘୃଣା ଜନ୍ମେଇଲା । ଜର୍ମାନୀର ଅସଲ ରାଜ୍ୟ- ମନୁଷ୍ୟ ସଭ୍ୟତାରେ ତାର ଉଚ୍ଚସ୍ଥାନ ପାଇଛି । ନିଆଁଗିଳାଙ୍କ ଭିତରେ ଯେ ସ୍ଥାନ ପାଇ ସେ କିଛି ଦିନ ପାଇଁ ବଡ଼େଇ କରିଥିଲା, ସେ ମଧ୍ୟ ଯିବା ଉପରେ । ଜାତିକୁ ତାର ବାଟରେ, ତାର ଚିରାଚରିତ ସଭ୍ୟତାର ନୀତିରେ ଚଳେଇ ନବା ଦେଶନେତା ଓ ଦେଶସେବକର କର୍ତ୍ତବ୍ୟ । ଆମେ ବଟୁଆକୁ ଘୃଣା କରି, ବଟୁଆ ସଭ୍ୟତାକୁ ଘୃଣା କରି ଏ ଜାତିଟାକୁ ଉଠାଇ ପାରିବା ନାହିଁ । ପ୍ରାୟ ପଚାଶ ବର୍ଷ ହେଲା ଏ ବଟୁଆକୁ ପୋଡ଼ି ଦେଇ ଏ ଜାତି ଉପରେ ଗୋଟାଏ ଏକାବେଳକେ ନୂଆ ଆଦର୍ଶ ଲଦି ଦେବାର ଚେଷ୍ଟା ଖୁବ୍ ଜୋରସୋରରେ ଲାଗିଛି; କିନ୍ତୁ ଦେଶ ସେଥିରେ କିଛି ଉପକାର ପାଇଛି କି ? ଆମେ ଗୋଟାଏ ଅଲଗା ପ୍ରଦେଶ ପାଇଛୁଁ, ସେ କେବଳ ସିନ୍ଧୁପ୍ରଦେଶର ଦୟାରୁ ।

**91.** ଜର୍ମାନୀ କାହାର ଜନ୍ମଭୂମି ଭାବେ ବିଶ୍ୱରେ ବିଦିତ ଥିଲା ?

(1) ଅସୀମ ତ୍ୟାଗର (2) ଇତିହାସ ଓ ଜ୍ୟୋତିଷର (3) ନିଃସ୍ୱାର୍ଥ ସେବାର (4) ସାହିତ୍ୟ ଓ ସଙ୍ଗୀତର

**92.** 'ଘୃଣା' - ର ବିପରୀତାର୍ଥକ ଶବ୍ଦ କେଉଁଟି ?

(1) ପ୍ରେମ (2) ସହଯୋଗ (3) ତ୍ୟାଗ (4) ଆଦର୍ଶ

**93.** ହିଟଲର ଜର୍ମାନୀ ଜାତିର କ'ଣ ବଳି ପକାଇଲେ ?

(1) ସଚ୍ଚୋଟତା (2) ଜିନିଷର କାଟତି (3) ଅସୀମ ସାହସ (4) ବୁଦ୍ଧିବିବେକ

**94.** ଚିରାଚରିତ ସଭ୍ୟତାର ନୀତିରେ ଦେଶକୁ ଆଗେଇ ନେବା କାହାର କର୍ତ୍ତବ୍ୟ ?

(1) ଦେଶସେବକର (2) ସୈନିକର (3) ଶାସକର (4) ବୁଦ୍ଧିଜୀବୀର

**95.** ବିସମାର୍କଙ୍କ ଲକ୍ଷ୍ୟ କ'ଣ ଥିଲା ?

(1) ଜର୍ମାନୀ ବୀରତ୍ୱର ପ୍ରସାର
(2) ଜର୍ମାନୀକୁ ଏକ ନମ୍ବର କରିବାର ନିଶା
(3) ଜର୍ମାନୀ ମୂଲ୍ୟବୋଧର ପ୍ରଚାର
(4) ବିଶ୍ୱରେ ଜର୍ମାନୀ ସାମ୍ରାଜ୍ୟର ପ୍ରତିଷ୍ଠା

Prepp
Your Personal Exams Guide

96. ଜର୍ମାନୀ ଲୋକଙ୍କର ବିଶ୍ୱାସ କେଉଁଥିରେ ଥିଲା ?
(1) ଜର୍ମାନୀ ସ୍ୱାଭିମାନରେ (2) ଜର୍ମାନୀ ଶାସ୍ତ୍ରରେ (3) ଜର୍ମାନୀ ଜିନିଷରେ (4) ଜର୍ମାନୀ ଭାବନାରେ

97. ବିସମାର୍କଙ୍କ ମହତ ଆକାଙ୍କ୍ଷାରର ଫଳାଫଳ କ'ଣ ହେଲା ?
(1) ଜର୍ମାନୀର ଧ୍ୱଂସ (2) ଜର୍ମାନୀବାସୀଙ୍କ ସାଧୁତାର ପରାଜୟ
(3) ଜର୍ମାନୀ ଯୁଦ୍ଧ (4) ବିଶ୍ୱ ସହ ଅସହଯୋଗ

98. କେଉଁଥି ପାଇଁ ଜର୍ମାନୀ ପୁଣିଥରେ ମୁଣ୍ଡଟେକି ଛିଡ଼ା ହୋଇ ପାରିଥାନ୍ତା ?
(1) ବିଲାତ ଜିନିଷର ବିରୋଧ ପାଇଁ (2) ଜର୍ମାନୀ ଜାତିର ସହଯୋଗୀ ମନୋଭାବ ପାଇଁ
(3) ଦୃଢ଼ ମନୋବଳ ପାଇଁ (4) ବ୍ୟବସାୟିକ ସାଧୁତା ପାଇଁ

99. 'ଯୁଦ୍ଧରାକ୍ଷସ' - କେଉଁ ସମାସ ?
(1) ବହୁବ୍ରୀହି (2) ଦ୍ୱନ୍ଦ୍ୱ (3) ତତ୍ପୁରୁଷ (4) କର୍ମଧାରୟ

**ନିମ୍ନଲିଖିତ କବିତାଂଶ ପାଠକରି ପ୍ରଶ୍ନସଂଖ୍ୟା 100-105 ର ଉତ୍ତର ଦିଅ ।**

ନଦୀ-ବନ୍ଧ ସବୁ ତାଙ୍କରି କୀରତି
ଥିଲେ ବଡ଼ କାରିଗର,
ପଥର ଉପରେ ଆଙ୍କିଛନ୍ତି ଛବି
ଅପରୂପ ମନୋହର ।
ଥିଲେ ବଡ଼ ବୀର ଲକ୍ଷେ ରାଜାଙ୍କର
ମଉଡ଼ମଣିର ଜାତି,
ପୁରୁଷ ଉତ୍ତମ, ବୀର ଖାରବେଳ,
ଅନଙ୍ଗଭୀମ, ଯଯାତି ।
ମହା ମହା ରାଜା, ମହା ମହା ରଥୀ
ଥିଲେ ତୋର ବାପ ଜେଜେ,
କିଏ ସରି ହେବ ଗୁଣ ଜ୍ଞାନେ ତାଙ୍କୁ
କିଏ ସରି ହେବ ତେଜେ !
ଓଡ଼ିଆ ବୋଲି ତୁ ମନେ ଗର୍ବ ବହି
ଚାଲରେ ଟେକି ତୋ ମଥା,
ନିତି ମନେ ମନେ ଗୁଣି ହେଉ ଥାଆ
ପୂର୍ବ ପୁରୁଷଙ୍କ କଥା ।

100. କେଉଁଥିରେ ପୂର୍ବପୁରୁଷମାନେ ଅତୁଳନୀୟ ଥିଲେ ?
(1) ଅପୂର୍ବ ତେଜରେ (2) ଅସୀମ ବୀରତ୍ୱରେ (3) କଳାସଂସ୍କୃତିରେ (4) ଗୁଣଜ୍ଞାନରେ

101. କବିତାରେ 'ମହାରଥୀ' କାହାକୁ କୁହାଯାଇଛି ?
(1) ସେନାଧକ୍ଷଙ୍କୁ (2) ବାପାଜେଜେଙ୍କୁ (3) ରାଜାଙ୍କୁ (4) ମନ୍ତ୍ରୀଙ୍କୁ

Prepp
Your Personal Exams Guide

**102.** 'ମଉଡ଼ମଣି' - ଶବ୍ଦର ଅର୍ଥ କ'ଣ ?

(1) ଗ୍ରାମ୍ୟମୁଖ୍ୟ (2) ରାଜ୍ୟମୁଖ୍ୟ
(3) ସର୍ବଶ୍ରେଷ୍ଠ ବ୍ୟକ୍ତି/ଗଜପତି (4) ମହୀପାଳ

**103.** ପୂର୍ବପୁରୁଷଗଣ କେଉଁଥିରେ ସୁନ୍ଦର ଛବି ସବୁ ଅଙ୍କନ କରିଛନ୍ତି ?

(1) ପଥରରେ (2) ବସ୍ତ୍ରରେ (3) କାଗଜରେ (4) କାଠରେ

**104.** କବି କ'ଣ ସ୍ମରଣ କରିବା ପାଇଁ ଓଡ଼ିଆ ଜାତିକୁ କହିଛନ୍ତି ?

(1) ପୂର୍ବପୁରୁଷଙ୍କ ସ୍ମୃତି (2) ପୂର୍ବପୁରୁଷଙ୍କ ଶିଳ୍ପକଳା (3) ପ୍ରାଚୀନ କୀର୍ତ୍ତି (4) ଅତୀତ ଗୌରବ

**105.** ଓଡ଼ିଶାର ନରପତିମାନଙ୍କୁ କେଉଁ ମର୍ଯ୍ୟାଦାଜନକ ସମ୍ବୋଧନ କରାଯାଇଛି ?

(1) ମହୀପତି (2) ସମ୍ରାଟ (3) ଛତ୍ରପତି (4) ପୁରୁଷୋତ୍ତମ

**106.** ଜଣେ ଭାଷା ଶିକ୍ଷକ ଶିକ୍ଷାର୍ଥୀଙ୍କୁ ପ୍ରଶ୍ନମାଳା ଦିଅନ୍ତି । ତାଙ୍କର ଉଦ୍ଦେଶ୍ୟ ହେଲା ସେମାନଙ୍କର ଶିକ୍ଷଣ ଶୈଳୀ ଏବଂ ଫଳ ଜାଣିବା । ଏଠାରେ ଶିକ୍ଷକଙ୍କ ଭୂମିକା କ'ଣ ?

(1) ବିଶାରଦଙ୍କ ମତ ଯୋଗାଣ-କାରୀ (2) ନିଦାନ ଶାସ୍ତ୍ର ବିଶାରଦ
(3) ମ୍ୟାନେଜର (4) ପ୍ଲାନର

**107.** ସ୍ଥାପନା **(A)** : ଶିକ୍ଷାର୍ଥୀଙ୍କର କ୍ଲାସରେ ଶିକ୍ଷଣ ଅନୁଭୂତି ପିଲାମାନଙ୍କର ଜୀବନ ଏବଂ ପରିବେଶ ସହିତ ଜଡ଼ିତ ।
ଯୁକ୍ତି **(R)** : ଶିକ୍ଷଣ ଅନୁଭୂତି ତାଙ୍କର ପୂର୍ବଧାରଣାର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତୁତ କରାଯାଇଥାଏ ।
ନିମ୍ନରେ ଦିଆଯାଇଥିବା ବିକଳ୍ପରୁ ଯଥାର୍ଥ ଉତ୍ତରଟି ବାଛ ।

(1) **(A)** ସତ୍ୟ କିନ୍ତୁ **(R)** ସତ୍ୟ ନୁହେଁ ।
(2) **(A)** ସତ୍ୟ ନୁହେଁ ମାତ୍ର **(R)** ସତ୍ୟ ।
(3) ଉଭୟ **(A)** ଓ **(R)** ସତ୍ୟ ଏବଂ **(R)**, **(A)**ର ଯଥାର୍ଥ ଯୁକ୍ତି ।
(4) ଉଭୟ **(A)** ଓ **(R)** ସତ୍ୟ କିନ୍ତୁ **(R)**, **(A)**ର ଯଥାର୍ଥ ଯୁକ୍ତି ନୁହେଁ ।

**108.** ଏକ ଭାଷା ଶିକ୍ଷାରେ ଏଥିମଧ୍ୟରୁ କେଉଁଟି ଠିକ୍ ନୁହେଁ ?

(1) ଭାଷା ଶିକ୍ଷଣର ଅର୍ଥ ନିରୂପଣ ଆବଶ୍ୟକତା
(2) ଭାଷା ଶିକ୍ଷଣ ନିମନ୍ତେ ବ୍ୟାକରଣ ଶିକ୍ଷା ଜରୁରୀ
(3) ଭାଷା ସହିତ ନିମଗ୍ନ ରହିବାର ଅଧିକ ସୁଯୋଗ ପାଇଲେ ସମସ୍ତ ଶିକ୍ଷାର୍ଥୀ ସହଜରେ ଭାଷା ଶିଖିପାରିବେ
(4) ଭାଷା ଶିକ୍ଷଣ ଅଧିକ ସମୟ ନିଏ

**109.** ସ୍ଥାପନା **(A)** : ସାଂସ୍କୃତିକ ଅବଧାରଣା ଏବଂ ପ୍ରକାଶର ସମାଲୋଚନାତ୍ମକ ଦିଗ ଭାଷାଦ୍ୱାରା ନିର୍ମିତ ହୋଇଥାଏ । ଏହା ଶିଶୁର ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ।
ଯୁକ୍ତି **(R)** : ସାଂସ୍କୃତିକ ଅବଧାରଣ ଓ ପ୍ରକାଶରେ ଦକ୍ଷତା ଶିଶୁଙ୍କ ଠାରେ ପରିଚୟ ସମ୍ପର୍କର ଧାରଣା ଦେବା ସଙ୍ଗେ ସଙ୍ଗେ ଏକ ନିଜସ୍ୱ ଭାବ ଏବଂ ତା ସହିତ ଅନ୍ୟର ସଂସ୍କୃତି ଓ ପରିଚୟ ପ୍ରତି ସମ୍ମାନଭାବ ଜଣାଇଥାଏ ।
ନିମ୍ନରେ ଦିଆଯାଇଥିବା ବିକଳ୍ପରୁ ଯଥାର୍ଥ ଉତ୍ତରଟି ବାଛ ।

(1) **(A)** ସତ୍ୟ କିନ୍ତୁ **(R)** ମିଥ୍ୟା ।
(2) **(A)** ମିଥ୍ୟା କିନ୍ତୁ **(R)** ସତ୍ୟ ।
(3) ଉଭୟ **(A)** ଓ **(R)** ସତ୍ୟ, ଏବଂ **(R)**, **(A)**ର ଉପଯୁକ୍ତ ଯୁକ୍ତି ।
(4) ଉଭୟ **(A)** ଓ **(R)** ସତ୍ୟ, କିନ୍ତୁ **(R)**, **(A)**ର ଉପଯୁକ୍ତ ଯୁକ୍ତି ନୁହେଁ ।

**110.** ସ୍ଥାପନା **(A)** : ଶିକ୍ଷାର୍ଥୀଙ୍କର ପୋଟଫୋଲିଓ ସେମାନଙ୍କର କାର୍ଯ୍ୟର ଉଦ୍ଦେଶ୍ୟମୂଳକ ଭାବେ କଳ୍ପିତ ଏକ ସଂକଳନ ।

ଯୁକ୍ତି **(R)** : ପୋଟଫୋଲିଓ ଶିକ୍ଷଣ କାଳରେ ସେମାନଙ୍କର ସବଳତା ଓ ଦୁର୍ବଳତା ଆକଳନ କରିବାକୁ ପ୍ରେରଣା ଦେଇଥାଏ ।

ନିମ୍ନରେ ଦିଆଯାଇଥିବା ବିକଳ୍ପରୁ ଯଥାର୍ଥ ଉତ୍ତର ବାଛ ।

(1) **(A)** ସତ୍ୟ କିନ୍ତୁ **(R)** ଅସତ୍ୟ ।

(2) **(A)** ଅସତ୍ୟ କିନ୍ତୁ **(R)** ସତ୍ୟ ।

(3) ଉଭୟ **(A)** ଓ **(R)** ସତ୍ୟ ଏବଂ **(R)**, **(A)**ର ଉପଯୁକ୍ତ ଯୁକ୍ତି ।

(4) ଉଭୟ **(A)** ଓ **(R)** ସତ୍ୟ କିନ୍ତୁ **(R)**, **(A)**ର ଯଥାର୍ଥ ଯୁକ୍ତି ନୁହେଁ ।

**111.** ପାଠ୍ୟ ପୁସ୍ତକରେ ଗଳ୍ପ, କବିତା ତଥା ଅନ୍ୟଧରଣର ଲେଖାରେ ବିଭିନ୍ନ ଲେଖକଙ୍କର ସ୍ଥାନ ପାଇଥାଏ । ଆମକୁ ସେ ଧରଣର ପାଠ୍ୟ ନିର୍ବାଚନ କରିବାକୁ ପଡ଼ିବ । କାରଣ ସେଗୁଡ଼ିକ -

(1) ଅତି ଜଣାଶୁଣା ଲେଖକଙ୍କର ରଚନା

(2) ସରଳ ଭାଷାରେ ଲେଖା ଯାଇଥାଏ

(3) ପ୍ରାକୃତିକ ଭଷାରେ ଲେଖା ହୋଇଥିବା ଯଥାର୍ଥ ସାମଗ୍ରୀ

(4) ପାଠ୍ୟ ପୁସ୍ତକରେ ଅନ୍ତର୍ଭୁକ୍ତ ହେବାପାଇଁ ଲେଖାଯାଇଥାଏ

**112.** ଏଥିମଧ୍ୟରୁ କେଉଁଟି ପଠନର ଉପକୌଶଳ ନୁହେଁ ?

(1) ଆବଶ୍ୟକୀୟ ତଥ୍ୟ ହାସଲ କରିବା ପାଇଁ ନିରୀକ୍ଷଣ କରିବା

(2) ପ୍ରତ୍ୟେକ ଶବ୍ଦର ବନାନ ଜାଣିବା

(3) ଶବ୍ଦଗୁଡ଼ିକୁ ଜାଣି ମୁଖ୍ୟ ଶବ୍ଦ ଚିହ୍ନଟ କରିବା

(4) ଅପରିଚିତ ଶବ୍ଦର ଅର୍ଥ ବାହାର କରି ବ୍ୟବହାର କରିବା

**113.** ଭାଷା ବିକାଶର ବୋଧଜ୍ଞାନତତ୍ତ୍ୱ __________ କୁ ସମର୍ଥନ ଜଣାଏ ।

(1) ସମାଜରେ ମିଳାମିଶାରୁ ଶିକ୍ଷା

(2) କଥନ ପୂର୍ବରୁ ପ୍ରସଙ୍ଗ ସମ୍ପର୍କରେ ଶିଶୁର ବୋଧଶକ୍ତି ଉପରେ ନିର୍ଭର କରିବା

(3) ଜଣେ ବ୍ୟକ୍ତିର ଅନ୍ତର୍ନିହିତ ଦକ୍ଷତା

(4) ପୁରସ୍କାର ଓ ଦଣ୍ଡବିଧାନ ଦ୍ୱାରା ଶିକ୍ଷାଲାଭ

**114.** ଏଥିମଧ୍ୟରୁ କେଉଁଟି ବହିରେ ଥିବା ଛବି ଓ ତା'ର ବର୍ଣ୍ଣନାରେ ଠିକ୍ ନୁହେଁ ?

(1) ସେମାନଙ୍କୁ କିଛି ଚିତ୍ର ଆଙ୍କିବାର ସୁଯୋଗ ଦେବା

(2) ଅପରିଚିତ ଓ ସ୍ମରଣୀୟ ପ୍ରସଙ୍ଗରେ ଭାଷା ପ୍ରୟୋଗରେ ଏହା ସାହାଯ୍ୟ କରେ

(3) ସହାୟକ ପ୍ରସଙ୍ଗ ଆଣିବା

(4) ପିଲାଙ୍କର ଆଗ୍ରହ ସଂରକ୍ଷଣ କରାଇବା

**115.** ଶିଶୁ ଶିକ୍ଷାର୍ଥୀଙ୍କ ସମ୍ପର୍କରେ ଏଥିମଧ୍ୟରୁ କେଉଁ ଉକ୍ତିଟି ଠିକ୍ ?

(1) ଶିଶୁ ଶିକ୍ଷାର୍ଥୀଙ୍କର କେତେକାଂଶରେ ବିମୂର୍ତ୍ତ ଧାରଣା ଥାଏ

(2) ଶିଶୁ ଶିକ୍ଷାର୍ଥୀମାନେ ବିମୂର୍ତ୍ତ ଧାରଣା ଦ୍ୱାରା ପ୍ରଭାବିତ ହୋଇଥାନ୍ତି

(3) ଶିଶୁ ଶିକ୍ଷାର୍ଥୀମାନେ ବିମୂର୍ତ୍ତ ଧାରଣା ବୁଝି ପାରନ୍ତି

(4) ଶିଶୁ ଶିକ୍ଷାର୍ଥୀମାନେ ବିମୂର୍ତ୍ତ ଧାରଣା କ'ଣ ବୁଝି ପାରିନଥାନ୍ତି

**116.** ପ୍ରଥମ ଶ୍ରେଣୀ ପିଲାଙ୍କୁ ପଢ଼ାଉଥିବା ଜଣେ ଶିକ୍ଷକ ତାଙ୍କର ଶିକ୍ଷାର୍ଥୀଙ୍କୁ ଗାରାଗାରି କରି, ଚିତ୍ର ଆଙ୍କି, କାନ୍ଥରେ ଯାହା ସେମାନେ ଚାହାନ୍ତି ଲେଖିବାକୁ ଛାଡ଼ିଦେଲେ । ଏଥିରେ ସେ କ'ଣ କରିବାକୁ ଚାହାନ୍ତି ?

(1) ଲିଖନ କୌଶଳର ବିକାଶ କରାଇବା
(2) ଅକ୍ଷର ଲେଖିବାର ପ୍ରେରଣା ଦେବା
(3) ଅକ୍ଷର ଜ୍ଞାନ ଉଦ୍ରେକ ଓ ବିକାଶ କରିବା
(4) ଆନନ୍ଦ ଓ ହାସ୍ୟୋଦ୍ଦୀପକ ପରିବେଶ ସୃଷ୍ଟି କରିବା

**117.** ଜଣେ ଶିକ୍ଷକ ଭାଷା ଶିକ୍ଷଣର କିଛି ଉପାଦାନ ଲାଭ କଲେ, ଯଥା - ବୈଜ୍ଞାନିକ ତତ୍ତ୍ୱ ଅଧାରିତ ପାଠ୍ୟକୁ ବୁଝି ପଠନ କରିବା । ସେ କୌଣସି ଏକ ବିଚାର ବୁଝିବାକୁ କଷ୍ଟ ଅନୁଭବ କରୁଥିବା ଶିକ୍ଷାର୍ଥୀଙ୍କୁ ଏକତ୍ର କରିବାକୁ ସ୍ଥିର କଲେ ଏବଂ ସେମାନଙ୍କୁ ନେଇ ପୃଥକ୍ ଭାବରେ ସେହି ପ୍ରକାର ପାଠ୍ୟର ପଠନ ଆୟୋଜନ କରି ବୁଝାଇବାକୁ ଚେଷ୍ଟା କଲେ । ଏ ପ୍ରକାରର କାର୍ଯ୍ୟକୁ କୁହାଯାଏ __________ ।

(1) ଚିନ୍ତନ କୌଶଳ
(2) ଫିଡ୍‌ବ୍ୟାକ୍ ଶିକ୍ଷା
(3) ରିମେଡିଆଲ୍ ଶିକ୍ଷା
(4) ହାଇଅର୍ ଅର୍ଡର କୌଶଳ

**118.** ଦୋକାନରେ କିଛି ଜିନିଷ କିଣିବା ବେଳେ ଶିକ୍ଷାର୍ଥୀ କାର୍ଯ୍ୟଧର୍ମୀ ବ୍ୟାଖ୍ୟାକାରୀ ଜ୍ଞାନ ବ୍ୟବହାର କରୁଛନ୍ତି କି, ନାହିଁ ଜାଣିବାକୁ ହେଲେ ସେମାନଙ୍କୁ __________ କରିବାକୁ ପଡ଼ିବ ।

(1) ଦୋକାନୀ ଓ ଗ୍ରାହକଙ୍କୁ ନେଇ ଲିଖିତ ଏକ କ୍ଷୁଦ୍ରଗଳ୍ପ ପଢ଼ିବା

(2) ଦୋକାନୀ ଓ ଗ୍ରାହକଙ୍କୁ ରଖି ଏକ ଚିତ୍ର ଅଙ୍କନ କରିବା

(3) ଦୋକାନୀ ଓ ଗ୍ରାହକ ମଧ୍ୟରେ କ୍ଷୁଦ୍ର ବାର୍ତ୍ତାଳାପ ପ୍ରସ୍ତୁତ

(4) ସେମାନଙ୍କର ଖାଦ୍ୟର ଆଗ୍ରହ ବିଷୟରେ ଲେଖିବା

**119.** ଜଣେ ଶିକ୍ଷକ ଭାବରେ ଆପଣ ଶକ୍ଷାର୍ଥୀଙ୍କର ମଧ୍ୟରେ ବାର୍ତ୍ତାଳାପ କରାଇବା ସକାଶେ କେଉଁ ପଦକ୍ଷେପ ନେବେ ?

(a) ଶିକ୍ଷାର୍ଥୀଙ୍କୁ ଅଧିକ ପ୍ରଶ୍ନ କରିବା ପାଇଁ ଉତ୍ସାହିତ କରାଇବା

(b) ଶିକ୍ଷାର୍ଥୀଙ୍କୁ ଯୋଡ଼ି ଯୋଡ଼ି କରି କିମ୍ବା ଦଳଗତ ବିଭାଗ କରି ସେମାନଙ୍କର ମତ ନେବା

(c) ତାଙ୍କୁ ବଡ଼ ପାଟିରେ ପାଠ୍ୟ ପଢ଼ିବାକୁ ଦେବାପରେ ଜଣ ଜଣ କରି ପ୍ରଶ୍ନକଲେ ବୈକ୍ତିକ ଶିକ୍ଷଣ ସମ୍ଭବ ହେବ

(d) ସେମାନଙ୍କୁ ସଂଳାପ ପଢ଼ି ଜଣେ ଆଉ ଜଣକୁ ପ୍ରଶ୍ନ କରିବେ ଏବଂ ବାର୍ତ୍ତାଳାପ ଜାରି ରହିବ

(1) (a), (b) ଓ (d) ଠିକ୍
(2) (a), (c) ଓ (d) ଠିକ୍
(3) (a), (b) ଓ (c) ଠିକ୍
(4) (b), (c) ଓ (d) ଠିକ୍

**120.** ଶିକ୍ଷାର୍ଥୀଙ୍କର ଶବ୍ଦଜ୍ଞାନ ବୃଦ୍ଧିପାଇଁ ଜଣେ ଶିକ୍ଷକ ଏପରି ସାମଗ୍ରୀ ଓ ଭାଷା ବ୍ୟବହାର କରୁଛନ୍ତି, ତାହା ସେମାନଙ୍କ ଶିକ୍ଷଣ ପ୍ରକ୍ରୀୟାକୁ ସହଜ କରିଦେଉଛି । ଫଳରେ ସେ ସାମଗ୍ରୀ ଯଥାର୍ଥ ମନେ ହୁଏ । ସେ ସମଗ୍ରୀ ହେଲା __________ ।

(1) ଦ୍ୱି-ଭାଷିକ ଭାଷାକୋଷ
(2) ଉପଯୁକ୍ତ ରିଡର୍
(3) ଖବରକାଗଜ
(4) ରୋଲ୍‌କାର୍ଡ

ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V (Q.No. 121-150)**, if they have opted **ODIA** as **Language-II** only.

Prepp
Your Personal Exams Guide

# PART-V
## LANGUAGE-II
## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 121-128 ର ଉତ୍ତର ଦିଅ ।**

ମାନବର ଗବେଷଣା ପ୍ରବୃତ୍ତି ବାରମ୍ବାର ବାଧା ପାଇବାରୁ ପରମ୍ପରାଗତ ଅଭ୍ୟାସ ସ୍ୱଭାବରେ ପରିଣତ ହୋଇଥାଏ । ପୁଣି ଭାରତ ସମାଜ ପରି ଯେଉଁସବୁ ସମାଜରେ ସଂପ୍ରଦାୟ ବିଶେଷ ବା ସମ୍ପ୍ରଦାୟର ବ୍ୟକ୍ତିବିଶେଷ ପିତୃପିତାମହଙ୍କ ରକ୍ତ ବଳରେ ବଳୀୟାନ ହୋଇ ସମସ୍ତ ସମାଜ ଉପରେ ସ୍ୱେଚ୍ଛାତନ୍ତ୍ର ବ୍ୟବସ୍ଥା ଦେଇ ଆସିଛନ୍ତି ସେ ସ୍ଥାନରେ 'ଅନ୍ଧ' ଶକ୍ତି ଯେ କିପରି ବଳବତୀ, ତାହା କହିବାର ପ୍ରୟୋଜନ ନାହିଁ । ସ୍ମୃତିଧରମାନେ ଇଚ୍ଛାମତେ ଆଇନ ପ୍ରଚାର କରି ଲୋକଙ୍କର ସ୍ୱାଧୀନ ଚିନ୍ତା ଓ ସ୍ୱାଧୀନ କ୍ରିୟାକଳାପରେ ପଥରୋଧ କରିଅଛନ୍ତି । ସମାଜ ଉତ୍ଥାନ ଶକ୍ତିରହିତ ହୋଇ ମୃତବତ୍ ପଡ଼ିଅଛି । ସମସ୍ତେ କିଛି ନବୁଝି କେବଳ ଚିତ୍କାର କରୁଅଛନ୍ତି, ଆମେ ଭଲ ଥିଲୁ, ପୂର୍ବପୁରୁଷମାନେ ଦେବତା ଥିଲେ, ସର୍ବଜ୍ଞ ଥିଲେ, ସେମାନେ ଯାହା କହିଛନ୍ତି ବା କରିଅଛନ୍ତି, ତାହା ସର୍ବତୋଭାବରେ ପ୍ରମାଦଶୂନ୍ୟ, ଆମେ ବୁଝୁ ବା ନ ବୁଝୁ ସେମାନଙ୍କ ପନ୍ଥା ବୋଲି ଯାହାକୁ ଜାଣି ଆସିଅଛୁ ସେଥିରେ ଚାଲୁଥିବୁ, ତାହାଛଡ଼ା ଆଉ ପ୍ରକୃତ ପନ୍ଥା ସମ୍ଭବ ହୋଇ ନପାରେ, ଇତ୍ୟାଦି । ଏ ସମ୍ବନ୍ଧରେ ଲେଖକଙ୍କର ନିଜ ଜୀବନର ଅନୁଭବରୁ ଗୋଟିଏ ଉଦହରଣ ଦେଲେ କଥାଟି ସ୍ପଷ୍ଟତର ହେବ । ଜଣେ କାବ୍ୟତୀର୍ଥଙ୍କ ସଙ୍ଗରେ ଲେଖକଙ୍କର ଦେଖା ହୋଇଥିଲା । କଥା ପ୍ରସଙ୍ଗରେ ଲେଖକ କହିଥିଲେ, ତାଙ୍କ ନିଜର ବିଶ୍ୱାସ ପାଶ୍ଚାତ୍ୟ ଦର୍ଶନ ଅଧିକ ହେଉ ବା ନ ହେଉ କୌଣସିମତେ ହିନ୍ଦୁ ଦର୍ଶନଠାରୁ ହୀନ ନୁହେଁ । ଲେଖକ ନିଜ ବିଶ୍ୱାସରେ କାରଣ ସ୍ୱରୂପ ଆଉ ଦୁଇ ଚାରି କଥା କହିବାକୁ ଉଦ୍ୟତ ଥିଲେ; କିନ୍ତୁ ପଣ୍ଡିତଙ୍କର ସ୍ୱଜାତି ପ୍ରେମୋଚ୍ଛ୍ୱାସର ଝଙ୍କାରରେ ଆଉ ସେ ଉଦ୍ୟମ କାର୍ଯ୍ୟରେ ପରିଣତ ହୋଇପାରିଲା ନାହିଁ । ପଣ୍ଡିତେ କହି ଉଠିଲେ, ''ତୁମେ କ'ଣ ଜାଣ ହେ, ସେ ସାଇବ କଣ ଦି'ଅକ୍ଷର ପଢ଼େଇ ଦେଲେ, ସେଥିରେ ହିନ୍ଦୁ ଦର୍ଶନ କଣ ଜାଣିବ ? ହିନ୍ଦୁ ଦର୍ଶନରୁ ନେଇକରି ଯାହାସିନା ସାହେବ ପଦେ ପଦେ ଦର୍ଶନ କଥା କହୁଛନ୍ତି । ହିନ୍ଦୁ ଦର୍ଶନ ଲେଖକମାନେ ସର୍ବଜ୍ଞ, ତାକୁ ବଳି ଅଉ କିଛି ହେଇପାରେ କି ?'' ଇତ୍ୟାଦି । ଲେଖକ ଜାଣନ୍ତି ପଣ୍ଡିତ ମହାଶୟଙ୍କର ନା ହିନ୍ଦୁ ନା ଖ୍ରୀଷ୍ଟିୟାନ କୌଣସି ଦର୍ଶନ ସଙ୍ଗେ ସାକ୍ଷାତ ନାହିଁ । ପାଠକମାନେ ବୁଝି ପରୁଥିବେ ସକ୍ଷାତ ଥିଲେ କେଇ ଏପରି କହିପାରିବେ ନାହିଁ । ଜାଣିଥିବା ବ୍ୟକ୍ତି ପକ୍ଷରେ ଏପରି ଆଶୁ ସିଦ୍ଧାନ୍ତରେ ଉପସ୍ଥିତ ହୋଇ ପ୍ରତିବାଦ କରିବା ବଡ଼ ସମ୍ଭବ ନୁହେଁ ।

**121.** 'ପ୍ରେମୋଚ୍ଛ୍ୱାସ' - ର କେଉଁ ବ୍ୟାସବାକ୍ୟଟି ଠିକ୍ ?

(1) ପ୍ରେମରୁ ଉଚ୍ଛ୍ୱାସ (2) ପ୍ରେମଦ୍ୱାରା ଉଚ୍ଛ୍ୱାସ (3) ପ୍ରେମରେ ଉଚ୍ଛ୍ୱାସ (4) ପ୍ରେମର ଉଚ୍ଛ୍ୱାସ

**122.** 'ଆଶୁସିଦ୍ଧାନ୍ତ' - କାହାକୁ ବୁଝାଉଛି ?

(1) ତତ୍କାଳ ସିଦ୍ଧାନ୍ତ (2) ବିଳମ୍ବିତ ସିଦ୍ଧାନ୍ତ (3) ପୁନଃସିଦ୍ଧାନ୍ତ (4) ପଶ୍ଚାତ ସିଦ୍ଧାନ୍ତ

**123.** 'ଅନ୍ଧ' ଶକ୍ତି କେଉଁ ଶାସନରେ ଗାଦି ମାଡ଼ି ବସିଥାଏ ?

(1) ଏକଛତ୍ରବାଦ (2) ରାଜତନ୍ତ୍ର (3) ସ୍ୱେଚ୍ଛାତନ୍ତ୍ର (4) ଗଣତନ୍ତ୍ର

**124.** ସ୍ମୃତିଧରମାନେ ଲୋକଙ୍କର କେଉଁ କ୍ରିୟାକଳାପର ବିରୋଧ କରିଛନ୍ତି ?

(1) ରାଜନୀତିକ ଅଧିକାରର (2) ସ୍ୱାଧୀନ ଚିନ୍ତାର
(3) ବାକ୍‌ସ୍ୱାଧୀନତାର (4) ସହଯୋଗୀ ମନୋବୃତ୍ତିର

**125.** 'ଉତ୍ଥାନ' - ର ବିପରୀତ ଶବ୍ଦ କ'ଣ ?

(1) ପତନ (2) ଧ୍ୱଂସ (3) ଅଭ୍ୟୁତ୍ଥାନ (4) ପୁନରୁତ୍ଥାନ

**126.** କାହାର ସ୍ୱଜାତି ପ୍ରେମ ଆଉ କୌଣସି କାମ ଦେଲାନାହିଁ ?

(1) ପିତୃପିତାମହଙ୍କର (2) ଦାର୍ଶନିକଙ୍କର (3) ପଣ୍ଡିତଙ୍କର (4) ପୂର୍ବପୁରୁଷଙ୍କର

Prepp
Your Personal Exams Guide

127. କେଉଁ ପ୍ରବୃତ୍ତି ବଧାପ୍ରାପ୍ତ ହେବାରୁ ପରମ୍ପରାଗତ ଅଭ୍ୟାସ ସ୍ୱଭାବରେ ରୂପାନ୍ତରିତ ହୋଇଯାଏ ?
(1) ଗବେଷଣା (2) ଆଧାତ୍ମିକ (3) ବ୍ୟବସାୟିକ (4) ଶିକ୍ଷାଗତ

128. ଭାରତୀୟ ସମ୍ପ୍ରଦାୟର ବ୍ୟକ୍ତିବିଶେଷ କାହା ରକ୍ତରେ ନିଜକୁ ବଳୀୟାନ ମନେ କରିଥାଏ ?
(1) ସାଧୁସନ୍ଥ (2) ବୀର ସୈନିକ (3) ଦେଶବାସୀ (4) ପିତୃପିତାମହ

**ନିମ୍ନଲିଖିତ ଅନୁଚ୍ଛେଦ ପାଠକରି ପଶ୍ନସଂଖ୍ୟା 129-135 ର ଉତ୍ତର ଦିଅ ।**

ଗୋଟାଏ ଉନ୍ନତ ଜାତିକୁ ଚିପି ମଡ଼ା କରି କାନ୍ଧରେ ପକାଇ ବୁହାଇ ନେବାକୁ ଚେଷ୍ଟା କରାଯାଇପାରେ । ମୋର ହିମାଳୟ ପର୍ବତଶିଖକୁ ଉଠିବାର ଦରକାର । ମୁଁ ଚେଷ୍ଟା କରି, ଠିକି, ଶିଖି, କଷ୍ଟ ସହି ନିଜ ଗୋଡ଼ରେ, ନିଜ ଉଦ୍ୟମରେ, ନିଜ ଆତ୍ମଜୋରରେ ଉଠିପାରେ, ଅଥବା ତୁମେ ଦିଜଣ ମୋତେ ମଲା ଭଳି କରି ପକାଇ କୋକେଇରେ ତୁମ କାନ୍ଧରେ ଉଠାଇ ନେଇପାର । କିଏ ସେ ଭଲ ? ଲକ୍ଷ୍ୟ ଏକ ହେଲେ ମଧ ସାଧନାର ପ୍ରଭେଦରେ ଲକ୍ଷ୍ୟ ହୀନିମାନ ହୋଇଯାଇପାରେ । ତାର କାରଣ ହଉଚି, ଧର, ମୋର ଏଇ ହିମାଳୟ ଶିଖକୁ ଯିବା । ହିମାଳୟ ଶିଖରେ ବରଫ ଭରା, ଭାରି ଶୀତ, କାକର । ମୁଁ ଯେବେ ନିଜେ ଚଢ଼ି ଚଢ଼ି ଯାଏଁ ତା ହେଲେ ଏଇ ଶୀତ, କାକର ଆସ୍ତେ ଆସ୍ତେ ମୋର ଦିହସିହଆ ହେଇ ଯାଇଥିବ; ବରଫ ଦିହରେ ଚାଲି ଚାଲି ବରଫରେ କିମିତି ଗୋଡ଼ ବି ଖସି ଚାଲିବାକୁ ସେ କଥା ମୁଁ ଶିଖି ଯାଇଥିବି; ଶିଖରେ ପହଞ୍ଚିଲେ ମୋର ଆଉ ଶୀତ, କାକର ଗୋଡ଼ଖସାକୁ ଭୟ ନଥିବ; ମୁଁ ନିଶ୍ଚିନ୍ତ ଭାବରେ ବେପରୁଆ ଦେବତାମାନଙ୍କ ସାଙ୍ଗରେ ଜଣେ ହୋଇ ବସି ଚନ୍ଦ୍ରମଧୁ ପିଇ ଚାଲିବି । କିନ୍ତୁ ତୁମେ ଯଦି ମୋତେ ଉଠାଇ ନେଇଯାଅ, ତାହା ହେଲେ ମୁଁ ଶିଖରେ ପହଞ୍ଚି ଠିଆ ହେଲା ବେଳକୁ ମୋ ମୁଣ୍ଡ ଘୂରେଇ ଯିବ; ଶୀତ କାକରରେ ଦିହ କୋଲ ମାରିଯିବ, ଖସଡ଼ା ବରଫରେ ଗୋଡ଼ ଖସି ମୁଁ ଯାଇ ପଡ଼ିବି ରସାତଳରେ, ମୋର ଗୋଡ଼ହାତ ଭାଙ୍ଗିଯିବ, ମୁଣ୍ଡ ଦିହ ଛିନ୍ନ ଛିନ୍ନ ହୋଇ କୁଆ କୁକୁରଙ୍କ ପେଟ ପୂରେଇବ । ଅଥଚ ଏଣେ ପୁଣି ତୁମର ମୋତେ ନେଇ ସେଠାରେ ପହଞ୍ଚିବା କଷ୍ଟକର ଓ କଷ୍ଟତର । ବଡ଼ ପଡ଼ାଉଠା ରାସ୍ତା, କଣ୍ଟାଝଣ୍ଟାରେ ଦୁର୍ଗମ, ବରଫ କାକରରେ ପିଛିଳ । ଏକା ଏକା ଯିବା କଷ୍ଟ । ସେଥିରେ ପୁଣି ଭାର ବୋହି ଯିବା ଆହୁରି କଷ୍ଟକର । ତୁମେ ଖୁବ୍ ସମ୍ଭବ କରିପାରିବ ନାହିଁ । ଖୁବ୍ ସମ୍ଭବ ତୁମେ ଆଉ ମୁଁ ସାଙ୍ଗ ହୋଇ ରସାତଳରେ ପଡ଼ି ବୁଡ଼ିମରିବା ।

ଯେଉଁମାନେ ଜାତିକୁ ନ ଚଳେଇ, ତାକୁ ବାଟ ମଣେଇ ନବାରେ ସନ୍ତୁଷ୍ଟ ନହୋଇ, ତାକୁ ଏକାବେଳକେ ସେମାନଙ୍କ ଅସୁର କାନ୍ଧରେ ଉଠାଇ ନେବା ପାଇଁ ଇଚ୍ଛା କରନ୍ତି, ସେମାନଙ୍କର ଏଇ ଅବସ୍ଥା ହେବ, ନିଶ୍ଚୟ । ପୃଥିବୀର ଇତିହାସ ଏହାର ପ୍ରମାଣ ।

129. ପାଠରେ ଦେବତାମାନଙ୍କ ସହ ସାଙ୍ଗ ହୋଇ କ'ଣ ପାନ କରିବା କଥା କୁହାଯାଇଛି ?
(1) ସୋମରସ (2) ଚନ୍ଦ୍ରମଧୁ (3) ଅମୃତ (4) ହଳାହଳ

130. ରାସ୍ତାରେ ଭାରବୋହି ଏକା ଏକା ଚାଲିବା କାହିଁକି କଷ୍ଟକର ?
(1) ରାସ୍ତା କଣ୍ଟକିତ (2) ରାସ୍ତା ବରଫାବୃତ (3) ରାସ୍ତା ଖସଡ଼ା (4) ରାସ୍ତା କର୍ଦ୍ଦମାକ୍ତ

131. କାହାକୁ କାନ୍ଧରେ ପକାଇ ନେବା ପାଇଁ ଚେଷ୍ଟା କରିବାକୁ କୁହାଯାଇଛି ?
(1) ଉନ୍ନତ ଜାତିକୁ (2) ଜାତୀୟ ଭାବନାକୁ (3) ଜାତିର ଅସ୍ମିତାକୁ (4) ପ୍ରଗତିଚେତନାକୁ

132. ଅସୁର କାନ୍ଧରେ ଜାତିକୁ ବୋହି ନେବାର ଉପକ୍ରମ କରାଗଲେ ଫଳାଫଳ କ'ଣ ହେବ ?
(1) ଜାତି ପଥହରା ହୋଇଯିବ (2) ଜାତି ରକ୍ତାକ୍ତ ହୋଇଯିବ
(3) ଜାତିର ଉନ୍ନତି ହୋଇପାରିବ ନାହିଁ (4) ଜାତି ରସାତଳରେ ବୁଡ଼ିଯିବ

133. 'ଶିଶିର' - ଶବ୍ଦର ଅର୍ଥ କ'ଣ ?
(1) କାକର (2) ଉଲ୍‌କା (3) ପାଣି (4) ମେଘ

134. ଲକ୍ଷ୍ୟ ଗୋଟିଏ ଥିଲେ ମଧ କାହାର ଭିନ୍ନତା ଦେଖା ଦେଇପାରେ ?
(1) ପ୍ରୟାସର (2) କାର୍ଯ୍ୟଶୈଳୀର (3) ସିଦ୍ଧିର (4) ସାଧନାର

135. କେଉଁ ପର୍ବତ ଶିଖରକୁ ଉଠିବା ପାଇଁ ଲେଖକ କହିଛନ୍ତି ?
(1) ହିମାଳୟ (2) କପିଳାସ (3) ବିନ୍ଧ୍ୟ (4) ଗନ୍ଧମାର୍ଦନ

136. ଶିଶୁମାନଙ୍କୁ ଗଳ୍ପ କହିବା ବିଷୟରେ କେଉଁଟି ଠିକ୍ ନୁହେଁ ? ଗଳ୍ପ ଶ୍ରବଣ ଶିଶୁଙ୍କୁ ___________ ରେ ସାହାଯ୍ୟ କରେ ।
(1) ସମସ୍ୟା-ସମାଧାନ କୌଶଳର ବୃଦ୍ଧି କରାଇବା
(2) ଜୀବନରେ ପାଳନ କରିବା ପାଇଁ ନୂତନ ଆଦର୍ଶ ଓ ମୂଲ୍ୟବୋଧ ଶିକ୍ଷା କରିବା
(3) ନୂତନ ଶବ୍ଦ ଜାଣି ସେମାନଙ୍କର ଶବ୍ଦଜ୍ଞାନ ବଢ଼ାଇବା
(4) ବାକ୍ୟ ଗଠନ ଶିକ୍ଷା ଦେବା

137. ଯୋଡ଼ି ହୋଇ କାର୍ଯ୍ୟ କରାଇବା ପାଇଁ ଶିକ୍ଷକ ପାଠ୍ୟରେ ଥିବା ଏକ ବିଷୟକୁ ସୁହାଇଲା ଭଳି ଏକ ଭିଡ଼ିଓ ପାଇଲେ । ଏଇ ଯୋଡ଼ କାର୍ଯ୍ୟର ଉଦ୍ଦେଶ୍ୟ ହେଲା ___________ ।
(1) ବିନା ଶିକ୍ଷକଙ୍କ ସହାୟତାରେ ଜଣେ କାର୍ଯ୍ୟ କରିବା
(2) ଭାଷା ସଚେତନତା ବୃଦ୍ଧି କରାଇବା
(3) ସେମାନଙ୍କର କାର୍ଯ୍ୟର ଆକଳନ
(4) ଯୋଡ଼ି ଯୋଡ଼ି ହୋ କାର୍ଯ୍ୟ କଲେ ତାହା ଶୀଘ୍ର ହୋଇପାରିବ

138. ଭାଷା ଶିକ୍ଷଣର ସହାୟକ ପାଠ୍ୟ ଭାବରେ ଗଳ୍ପ ଓ ଆଖ୍ୟାୟିକାର ସଂକଳନ ନିର୍ଦ୍ଧାରଣ କରାଯାଇଛି । ଏଇ ସହାୟକ ପାଠ୍ୟର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?
(1) ମାନସିକ ଆଦର୍ଶ ପଠନର ପ୍ରସାର
(2) ବିସ୍ତୃତ ପଠନର ପ୍ରସାର
(3) ବହୁଭାଷିକତାର ପ୍ରସାର
(4) ପୁଙ୍ଖାନୁପୁଙ୍ଖ ପଠନର ପ୍ରସାର

139. ଜଣେ ପଞ୍ଚମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ପଢ଼ାଉଥିବା ଶିକ୍ଷକ ସେମାନଙ୍କୁ ଗୋଟିଏ ଗପ ଲେଖିବା କାର୍ଯ୍ୟ ଦେଲେ । ଲିଖନ କାର୍ଯ୍ୟ ଚାଲିଥିବା ସମୟରେ ଶିକ୍ଷକ ବୁଲି ବୁଲି ଯେଉଁ ଶିକ୍ଷାର୍ଥୀ ତ୍ରୁଟି କରୁଥିଲେ କିମ୍ବା ଯେଉଁମାନେ ନୂତନ ଶବ୍ଦ ପଚାରି ବୁଝୁଥିଲେ, ସେମାନଙ୍କୁ ସାହାଯ୍ୟ କରୁଥିଲେ । ଏଠାରେ ଶିକ୍ଷକ କେଉଁ ପ୍ରକାରର ଭୂମିକା ଗ୍ରହଣ କରିଥିଲେ ?
(1) ସହଯୋଗକାରୀ (2) ନିଦାନଶାସ୍ତ୍ର ବିଶାରଦ (3) ମ୍ୟାନେଜର (4) ପ୍ଲାନର

140. ଏଥିମଧ୍ୟରୁ କେଉଁଟି ଭାଷା ଶିକ୍ଷକଙ୍କର ମୂଳ ଦାୟିତ୍ୱ ?
(1) ବିଭିନ୍ନ ଶ୍ରେଣୀରେ ଶିକ୍ଷାର୍ଥୀଙ୍କୁ ଦଳରେ ଭାଗ କରିବା
(2) ଶିକ୍ଷାର୍ଥୀଙ୍କୁ ନିର୍ଦ୍ଦେଶ ଦେବା
(3) ଶିକ୍ଷାର୍ଥୀଙ୍କର କଥୋପକଥନର ଆବଶ୍ୟକତା ଜାଣିବା
(4) ଶିକ୍ଷା ପାଇଁ ପ୍ରସଙ୍ଗ ଚୟନ କରିବା

141. ସ୍ଥାପନା **(A)** : ପଠନ ଗୋଟିଏ ଶବ୍ଦର ଉଚ୍ଚାରଣ ଠାରୁ ଅଧିକ କିଛି ।
ଯୁକ୍ତି **(R)** : ପଠନ ଏକ ପ୍ରକାରର ଡିକୋଡିଂ ।
ନିମ୍ନରେ ଦିଆଯାଇଥିବା ବିକଳ୍ପରୁ ଯଥାର୍ଥ ଉତ୍ତରଟି ବାଛ ।
(1) **(A)** ସତ୍ୟ କିନ୍ତୁ **(R)** ଅସତ୍ୟ ।
(2) **(A)** ଅସତ୍ୟ କିନ୍ତୁ **(R)** ସତ୍ୟ ।
(3) ଉଭୟ **(A)** ଓ **(R)** ସତ୍ୟ ଏବଂ **(R)**, **(A)**ର ଯଥାର୍ଥ ଯୁକ୍ତି ।
(4) ଉଭୟ **(A)** ଓ **(R)** ସତ୍ୟ ଏବଂ **(R)**, **(A)**ର ଯଥାର୍ଥ ଯୁକ୍ତି ନୁହେଁ ।

142. ଭାଷା ଶିକ୍ଷଣ ବିଷୟରେ ଏଗୁଡ଼ିକ ମଧ୍ୟରୁ କେଉଁଟି ଅସତ୍ୟ ଅନୁମାନ ?
(1) ଭାଷା ଶିକ୍ଷାଦାନରେ ବାର୍ତ୍ତାଳାପ କାର୍ଯ୍ୟରେ ଗୁରୁତ୍ୱ ଦେବା ଉଚିତ ।
(2) ଭାଷା ଶିକ୍ଷା କଥନ ଉପରେ ଗୁରୁତ୍ୱ ନଦେଇ ଲିଖନ ଉପରେ ଗୁରୁତ୍ୱ ଦେବା ଉଚିତ ।
(3) ବାସ୍ତବ ସ୍ଥଳରେ ବ୍ୟବହାର କରିବାକୁ ଚେଷ୍ଟା କରିବା ପାଇଁ ଶିକ୍ଷାର୍ଥୀ ଭାଷା ଆହରଣ କରିଥାନ୍ତି ।
(4) ଶିକ୍ଷାର୍ଥୀଙ୍କର ପ୍ରଥମ ଭାଷା, ଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

Prepp
Your Personal Exams Guide

**143.** ଏଥି ମଧ୍ୟରୁ କେଉଁଟି ଭାଷା ଆହରଣରେ ବ୍ୟାବହାରିକବାଦ ସହ ସମ୍ପର୍କିତ ?
(1) ଟ୍ରାଏଲ୍ ଏଣ୍ଡ ଏରର୍ (2) ସାମାଜିକ ବାର୍ତ୍ତାଳାପ (3) ଅପରାଣ୍ଟ୍ କଣ୍ଡିସନିଙ୍ଗ୍ (4) ଏମ୍ପଟି ଭେସେଲ୍

**144.** ଶିଶୁମାନେ ବାହାର ଦୁନିଆ ସହ ପରିଚିତ ହୋଇ କେଉଁଥିରେ ନିମଗ୍ନ ହେବା ଉଚିତ ?
(1) ଅତି ଛୋଟ ବୟସରୁ ଅନେକ ମୌଖିକ ଭାଷାରେ
(2) ଅତି ଛୋଟ ବୟସରୁ ଅନେକ ଲିଖିତ ଭାଷାରେ
(3) ପ୍ରାଥମିକ ସ୍ତରରୁ ଦୁଇଟି ମୌଖିକ ଭାଷାରେ
(4) ପ୍ରାଥମିକ ସ୍ତରରୁ ଦୁଇଟି ଲିଖିତ ଭାଷାରେ

**145.** ସ୍ଥାପନା **(A)** : ସାକ୍ଷରତାର ପ୍ରଥମାବସ୍ଥାରେ ଚିତ୍ରାଙ୍କନକୁ ଲିଖନର ଆରମ୍ଭ ପର୍ଯ୍ୟାୟ କୁହାଯାଇଥାଏ ।
ଯୁକ୍ତି **(R)** : ଛବିଗୁଡ଼ିକ ସାଂକେତିକ ଚିହ୍ନ ହେଲେ ମଧ ଅର୍ଥ ବହନ କରିଥାନ୍ତି ।
ନିମ୍ନରେ ଦିଆଯାଇଥିବା ବିକଳ୍ପରୁ ଯଥାର୍ଥ ଉତ୍ତରଟି ବାଛ ।
(1) **(A)** ସତ୍ୟ କିନ୍ତୁ **(R)** ସତ୍ୟ ନୁହେଁ ।
(2) **(A)** ମିଥ୍ୟା କିନ୍ତୁ **(R)** ସତ୍ୟ ।
(3) ଉଭୟ **(A)** ଓ **(R)** ସତ୍ୟ ଏବଂ **(R)**, **(A)**ର ଯଥାର୍ଥ ଯୁକ୍ତି ।
(4) ଉଭୟ **(A)** ଓ **(R)** ସତ୍ୟ କିନ୍ତୁ **(R)**, **(A)**ର ଯଥାର୍ଥ ଯୁକ୍ତି ନୁହେଁ ।

**146.** ଜଣେ ଭାଷା ଶିକ୍ଷକ ବିଭିନ୍ନ ଦକ୍ଷତା ଲାଭ କରିଥିବା ଏକ ଦଳ ଶିକ୍ଷାର୍ଥୀଙ୍କୁ ପ୍ରସ୍ତୁତ କଲେ । ସେମାନଙ୍କୁ କ'ଣ କରିବା ପାଇଁ କୁହାଗଲା ?
(1) ଶିକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଆଉ ଜଣକୁ ସାହାଯ୍ୟ କରିବାକୁ ପ୍ରେରଣା ଦିଆଗଲା
(2) ଶିକ୍ଷକ ସମସ୍ତଙ୍କ ଉପରେ ଦୃଷ୍ଟି ଦେବା ସମ୍ଭବ ନଥିବାରୁ ସେମାନଙ୍କୁ ଶିକ୍ଷାର୍ଥୀଙ୍କୁ ତାଙ୍କ ଭୂମିକା ନେବାକୁ କୁହାଗଲା
(3) ଦୁର୍ବଳ ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରିବା
(4) ଶିକ୍ଷାର୍ଥୀଙ୍କୁ, ଅନ୍ୟ ଶିକ୍ଷାର୍ଥୀଙ୍କୁ ଦବାଇବାକୁ ସୁଯୋଗ ଦେଲେ, ସେମାନେ ଖୋଲାଖୋଲି କହିପାରିବେ

**147.** ପିଲାମାନେ ପଠନ କରିଥିବା ଏକ କାହାଣୀକୁ ସେମାନେ ନିଜ ଭାଷାରେ କହିଲେ ________ ମୂଲ୍ୟାୟନ କରିବାରେ ସହାୟକ ହୋଇଥାଏ ।
(1) ବୋଧଶକ୍ତି (2) ସ୍ମରଣ ଶକ୍ତି (3) ସଠିକତା (4) ଅନର୍ଗଳତା

**148.** ସ୍ଥାପନା **(A)** : ଉପସାରମୂଳକ ଶିକ୍ଷା ଶିକ୍ଷା-ଶିକ୍ଷଣ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।
ଯୁକ୍ତି **(R)** : ଉପସାରମୂଳକ ଶିକ୍ଷାର ଅର୍ଥ ହେଲା ପୁଣିଥରେ ଶିକ୍ଷାଦେବା ମାତ୍ର ସେଇ ଧାରାରେ ନୁହେଁ, ଠିକ୍ ଯେପରି ସେମାନେ ଭାଷା ଉପାଦାନ ଜାଣିବା ପୂର୍ବରୁ ସେପରି ପଢ଼ି ନଥିଲେ । ତାହା ଅନ୍ୟ ପ୍ରକାରର ଶିକ୍ଷା ଥିଲା ।
ନିମ୍ନରେ ଦିଆଯାଇଥିବା ବିକଳ୍ପରୁ ଯଥାର୍ଥ ଉତ୍ତରଟି ବାଛ ।
(1) **(A)** ସତ୍ୟ କିନ୍ତୁ **(R)** ମିଥ୍ୟା ।
(2) **(A)** ମିଥ୍ୟା କିନ୍ତୁ **(R)** ସତ୍ୟ ।
(3) ଉଭୟ **(A)** ଓ **(R)** ସତ୍ୟ ଏବଂ **(R)**, **(A)**ର ଉପଯୁକ୍ତ ଯୁକ୍ତି ।
(4) ଉଭୟ **(A)** ଓ **(R)** ସତ୍ୟ କିନ୍ତୁ **(R)**, **(A)**ର ଯଥାର୍ଥ ଯୁକ୍ତି ନୁହେଁ ।

**149.** କ'ଣ 'ମିନିମାଲ୍ ପ୍ରେୟାର' ଡ୍ରିଲ୍ __________ ର ବିକାଶ ନିମନ୍ତେ ଏକ ଫଳପ୍ରଦ ପ୍ରକ୍ରିୟା ହୋଇପାରେ ?
(1) ଉଚ୍ଚାରଣ (2) ବୋଧଶକ୍ତି ପଠନ (3) ବ୍ୟାକରଣ (4) ଶବ୍ଦଜ୍ଞାନ

**150.** ପ୍ରାରମ୍ଭିକ ଅବସ୍ଥାରେ ଶିଶୁମାନେ ଆନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ଅଧିକ ଶିକ୍ଷା କରିଥାନ୍ତି ।
(1) ପରିବାରରେ ବ୍ୟବହୃତ ଭାଷାରେ (2) ଇଂରେଜୀ ମାଧ୍ୟମରେ
(3) ଶିକ୍ଷଣ ମାଧ୍ୟମରେ (4) ରାଜଭାଷାରେ

- o O o -

SPACE FOR ROUGH WORK

## ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡ଼ିକୁ ଭଲଭାବରେ ପଢ଼ିନେବା ଉଚିତ୍ ।
2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର **ପୃଷ୍ଠା-2** ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
4. ପ୍ରଶ୍ନପତ୍ର ଓ ଉତ୍ତରଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
6. OMR ଉତ୍ତରପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍ ଦ୍ୱାରା ପଢ଼ାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।
7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
8. ମୋବାଇଲ୍ ଫୋନ, ୱାୟରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।
9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ଦେଖାଇବେ ।
10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ବିନା କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
11. ପରୀକ୍ଷକଙ୍କୁ ଉତ୍ତରଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନଥିବା ପରୀକ୍ଷାର୍ଥୀ ଉତ୍ତରଖାତା ଦେଇ ନାହାନ୍ତି ଏବଂ ଅସାଧୁ କାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ଧରିନିଆଯିବ । **ପରୀକ୍ଷାର୍ଥୀ ନିଜର ବାମହାତର ବୃଦ୍ଧାଙ୍ଗୁଷ୍ଠିର ଚିହ୍ନ ଉପସ୍ଥିତି ପତ୍ରରେ ଦିଆଯାଇଥିବା ସ୍ଥାନରେ ଦେବା ଆବଶ୍ୟକ ।**
12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
15. **ପରୀକ୍ଷା ସରିଲା ପରେ, ଉତ୍ତରପତ୍ରକୁ ପରୀକ୍ଷା କକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇପାରିବେ ।**

Prepp
Your Personal Exams Guide

## निम्नलिखित निर्देशों को ध्यान से पढ़ें :

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **नीले/काले बॉल पॉइन्ट पेन** से भरें। एक बार उत्तर अंकित करने के बाद उसे बदला नहीं जा सकता है।
3. परीक्षार्थी सुनिश्चित करें कि इस OMR उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ। परीक्षार्थी अपना अनुक्रमांक OMR उत्तर-पत्र में निर्धारित स्थान के अतिरिक्त अन्यत्र न लिखें।
4. परीक्षा पुस्तिका एवं OMR उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं OMR उत्तर पत्र के कोड या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी।
5. परीक्षा पुस्तिका/OMR उत्तर पत्र में दिए गए परीक्षा पुस्तिका कोड व संख्या को परीक्षार्थी सही तरीके से उपस्थिति-पत्र में लिखें।
6. OMR उत्तर पत्र में कोडित जानकारी को एक मशीन पढ़ेगी। इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है।
8. मोबाइल फोन, बेतार संचार युक्तियाँ (स्विच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए। इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और परीक्षार्थी के विरुद्ध कार्यवाही की जाएगी, परीक्षा रद्द करने सहित।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें।
11. कार्यरत निरीक्षक को अपना OMR उत्तर पत्र दिए बिना एवं उपस्थिति-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे। यदि किसी परीक्षार्थी ने दूसरी बार उपस्थिति-पत्र पर हस्ताक्षर नहीं किए, तो यह माना जाएगा कि उसने OMR उत्तर पत्र नहीं लौटाया है और यह अनुचित साधन का मामला माना जाएगा। **परीक्षार्थी अपने बाएँ हाथ के अंगूठे का निशान उपस्थिति-पत्र में दिए गए स्थान पर अवश्य लगाएँ।**
12. इलेक्ट्रॉनिक/हस्तचालित परिकलक का उपयोग वर्जित है।
13. परीक्षा हॉल/कक्ष में आचरण के लिए परीक्षार्थी परीक्षण संस्था के सभी नियमों एवं विनियमों द्वारा नियमित हैं। अनुचित साधनों के सभी मामलों का फैसला परीक्षण संस्था के नियमों एवं विनियमों के अनुसार होगा।
14. किसी भी परिस्थिति में परीक्षा पुस्तिका और OMR उत्तर पत्र का कोई भाग अलग न करें।
15. **परीक्षा सम्पन्न होने पर, परीक्षार्थी हॉल/कक्ष छोड़ने से पूर्व OMR उत्तर पत्र निरीक्षक को अवश्य सौंप दें।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं।***

## READ THE FOLLOWING INSTRUCTIONS CAREFULLY :

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Blue / Black Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the OMR Answer Sheet is not folded. Do not make any stray marks on the OMR Answer Sheet. Do not write your Roll No. anywhere else except in the specified space in the OMR Answer Sheet.
4. Handle the Test Booklet and OMR Answer Sheet with care, as under no circumstances (except for discrepancy in Test Booklet Code or Number and OMR Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet/OMR Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, it will be considered as using unfair means in the examination and action will be taken against the candidate including cancellation of examination.
9. Each candidate must show on demand his/her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his/her seat.
11. The candidates should not leave the Examination Hall/Room without handing over their OMR Answer Sheet to the Invigilator on duty and sign the Attendance Sheet twice. Cases where candidate has not signed the Attendance Sheet second time will be deemed not to have handed over the OMR Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic/Manual Calculator is prohibited.
13. The candidates are governed by all Rules and Regulations of the Examining Body with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Examining Body.
14. No part of the Test Booklet and OMR Answer Sheet shall be detached under any circumstances.
15. **On completion of the test, the candidate must hand over the OMR Answer Sheet to the Invigilator in the Hall / Room.** ***The candidates are allowed to take away this Test Booklet with them.***